1961
एप्रिल 5

ଆକବର୍ ଖାନ୍ ଆଲାମ୍ ଖାନ୍ ଏବଂ ଅନ୍ୟ ଜଣେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

(ବି. ପି. ସିହ୍ନା, ମୁଖ୍ୟ ନ୍ୟାୟାଧୀଶ , ଏସ୍. କେ. ଦାସ, ଏ. କେ. ସରକାର,

କେ. ସି. ଦାସ ଗୁପ୍ତା ଏବଂ ଏନ୍. ରାଜାଗୋପାଳ ଆୟଙ୍ଗର, ନ୍ୟାୟାଧୀଶବୃନ୍ଦ)

*ନାଗରିକତା- ଭାରତୀୟ ନାଗରିକ ଭାବେ ଅଧିକାରର ଘୋଷଣା ପାଇଁ ମକଦ୍ଦମା- ଦେୱାନୀ ନ୍ୟାୟାଳୟର ଅଧିକରିତା- ନାଗରିକତା ଅଧିନିୟମ 1955 (1955/ 57) ର ଧାରା 9(2).*

ଏଠାରେ ଉଠାଯାଇଥିବା ଏକ ମାତ୍ର ପ୍ରଶ୍ନ ହେଉଛି ଯେ, ନାଗରିକତା ଅଧିନିୟମ 1955ର ଧାରା 9 (2) ର ଆଇନ 30 ସହିତ ପଠିତ ଆଇନ ଅନୁଯାୟୀ କୌଣସି ଦେୱାନୀ ନ୍ୟାୟାଳୟ, ଜଣେ ନାଗରିକ କେବେ କିମ୍ବା କିପରି ଅନ୍ୟ ଦେଶର ନାଗରିକତା ହାସଲ କରିଛନ୍ତି ବାବଦରେ ପ୍ରଶ୍ନ ପଚାରି ପାରିବେ କି ନାହିଁ । ଜଣେ ବ୍ୟକ୍ତିଙ୍କ ଜାତୀୟତା ସମ୍ବନ୍ଧୀୟ ଅନ୍ୟ ପ୍ରଶ୍ନର ନିର୍ଣ୍ଣୟରୁ ସେମାନଙ୍କୁ ବାରଣ କରାଯାଇନାହିଁ ।

ତେଣୁ, ଯେଉଁଠି ଅବେଦନକାରୀମାନଙ୍କ ଦ୍ୱାରା ନିଜକୁ ଭାରତୀୟ ନାଗରିକ ବୋଲି ଘୋଷଣା କରିବା ପାଇଁ ଏକ ମକଦ୍ଦମା ଅଣାଯାଇଥିଲା ଯେଉଁଥିରେ ସେମାନେ ବିଦେଶୀ ନାଗରିକତା ହାସଲ କରିବାର ଅଭିଯୋଗ ଉପରେ ପ୍ରଶ୍ନ ଉଠାଇଥିଲେଏବଂ ସେ କେବେବି ଭାରତୀୟ ନାଗରିକ ନଥିବା ଆଧାରରେ ନିମ୍ନ ଅଦାଲତ ଏହି ମକଦ୍ଦମାକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଥିଲେ।

*ନିର୍ଣ୍ଣିତ* ଯେ, ଉକ୍ତ ନ୍ୟାୟାଳୟମାନେ ଅଧିନିୟମ 9 (2) ଦ୍ୱାରା ଏହି ମକଦ୍ଦମାକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ଦର୍ଶାଇ ତ୍ରୁଟି କରିଥିଲେ ।

ସେମାନେ ଏହି ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ଉଚିତ ଥିଲା ଯେ ଆବେଦନକାରୀମାନେ କେବେ ଭାରତର ନାଗରିକ ଥିଲେ କି ନାହିଁ ଏବଂ ଯଦି ଫଳାଫଳ ସେମାନଙ୍କ ସପକ୍ଷରେ ଥିଲା, ତେବେ କେନ୍ଦ୍ର ସରକାର, ସେହି ନାଗରିକତା ତ୍ୟାଗ କରାଯାଇଛି କି ନାହିଁ ନିଷ୍ପତି ନେବା ପର୍ଯ୍ୟନ୍ତ ମକଦ୍ଦମାକୁ ସ୍ଥଗିତ ରଖିବାର ଥିଲା ଏବଂ ଯଦି ଫଳାଫଳ ଅବେଦନକାରୀଙ୍କ ବିରୋଧରେ ଥିଲା ତେବେ ମକଦ୍ଦମାକୁ ଖାରଜ କରିବାର ଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 18/1961 ।

ଦ୍ୱିତୀୟ ଆବେଦନ ସଂଖ୍ୟା 473/1959 ରେ ଇନ୍ଦୋର ସ୍ଥିତ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 23, ଜାନୁଆରୀ, 1960 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ଜେ. ଏଫ୍. ବୁଟୱାଲା, ଇ. ଉଦୟରତ୍ନମ୍ ଏବଂ ଏସ୍. ଏସ୍. ଶୁକ୍ଳା ।*

ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ *ଏମ୍. ସି. ସେତଲୱାଡ, ଭାରତର ଆଟର୍ଣ୍ଣି ଜେନେରାଲ, ବି. ସେନ୍ ଏବଂ ଟି. ଏମ୍. ସେନ୍।*

ଉତ୍ତରଦାତା ସଂଖ୍ୟା 2,3 ଙ୍କ ପାଇଁ *ଏଚ୍. ଏଲ୍. ଖାସ୍କାଲମ୍ ଏବଂ ଆଇ. ଏନ୍. ଶ୍ରଫ୍ ।*

1961, ଏପ୍ରିଲ, 5 ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ସରକାର - ଆବେଦନଟି ଏହି ପ୍ରଶ୍ନ ଉଠାଇଛି ଯେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ମକଦ୍ଦମା ସଠିକ୍ ଭାବରେ ଏହି ଆଧାରରେ ଖାରଜ ହୋଇଛି ଯେ ଦେୱାନୀ ନ୍ୟାୟାଳୟଙ୍କର ଏହାକୁ ଗ୍ରହଣ କରିବାର କୌଣସି ଅଧିକାରିତା ନଥିଲା । ନିମ୍ନ ଅଦାଲତମାନେ ରାୟ ଦେଇଥିଲେ ଯେ ଏହି ଧାରାକୁ ଗ୍ରହଣ କରିବା ପାଇଁ ଏକ ଦେୱାନୀ ନ୍ୟାୟାଳୟର ଅଧିକରିତା ନାଗରିକତା ଅଧିନିୟମ 1955 ର ମକଦ୍ଦମା 9 ଦ୍ୱାରା ବାରଣ କରାଯାଇଥିଲା । ଅବେଦନକାରୀମାନେ ସେମାନେ ଭାରତର ନାଗରିକ ବୋଲି ଘୋଷଣା କରିବା ଏବଂ ପ୍ରତିବାଦୀମାନଙ୍କ ଦ୍ୱାରା ସେମାନଙ୍କୁ ଭାରତରୁ ହଟାଇବା ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷିଦ୍ଧାଦେଶ ଦାୟର କରିଥିଲେ । ପ୍ରତିବାଦି ମାନେ ଭାରତ ସଂଘ, ମଧ୍ୟପ୍ରଦେଶ ରାଜ୍ୟ ଏବଂ ମଧ୍ୟପ୍ରଦେଶର ଝାବୁଆର ଜିଲ୍ଲା ଦଣ୍ଡାଧିକାରୀ ଥିଲେ । ଆବେଦନକାରୀମାନେ ଅଭିଯୋଗରେ ଦର୍ଶାଇଥିଲେ ଯେ ସେମାନେ ଭାରତର ନାଗରିକ ଏବଂ ଏପରି ନାଗରିକ ହେବା ବନ୍ଦ କରିନାହାନ୍ତି । ସେମାନେ ଦର୍ଶାଇଥିଲେ ଯେ 1953 ମସିହା ପ୍ରାରମ୍ଭରେ ସେମାନେ ବିନା ପାସପୋର୍ଟରେ ଏକ ଅସ୍ଥାୟୀ ଗସ୍ତ ପାଇଁ ପାକିସ୍ତାନ ଯାଇଥିଲେ କିନ୍ତୁ ଯେତେବେଳେ ସେମାନେ ଫେରିବାକୁ ଚାହୁଁଥିଲେ ସେମାନେ ପାକିସ୍ତାନୀ ପାସପୋର୍ଟ ହାସଲ କରିବାକୁ ବାଧ ହୋଇଥିଲେ । ସେମାନେ କହିଥିଲେ ଯେ ସେମାନେ ଏହି ପାସପୋର୍ଟଗୁଡ଼ିକୁ କେବଳ ଭାରତକୁ ଫେରିବା ପାଇଁ ଏକ ଉପକରଣ ଭାବେ ଗ୍ରହଣ କରିଥିଲେ ଏବଂ ବାସ୍ତବରେ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ପାସପୋର୍ଟ ହାସଲ କରିବାକୁ ବାଧ ହୋଇଥିଲେ । ସେମାନେ ଆହୁରି କହିଥିଲେ ଯେ, ତେଣୁ ସେମାନେ ପାକିସ୍ତାନର ନାଗରିକତା ହାସଲ କରିଛନ୍ତି ବୋଲି କୁହାଯାଇପାରିବ ନାହିଁ । ସେମାନେ ଏହା ମଧ୍ୟ କହିଥିଲେ ଯେ ପାସପୋର୍ଟ ରଦ୍ଦ କରିବା ଏବଂ ଭାରତରେ ସ୍ଥାୟୀ ଭାବେ ରହିବା ପାଇଁ ଅନୁମତି ପାଇବା ପାଇଁ ସେମାନେ ସମସ୍ତ ପ୍ରୟାସ କରିଥିଲେ, କିନ୍ତୁ ବିଫଳ ହୋଇଥିଲେ । ସେମାନେ କହିଥିଲେ ଯେ ମଧ୍ୟପ୍ରଦେଶ ରାଜ୍ୟ ସେମାନଙ୍କ ଉପରେ ବିଦେଶୀ ଅଧିନିୟମ 1946ରେ ଧାରା 3 (2) ଅନୁଯାୟୀ ନଭେମ୍ବର 11,1955ରେ ଏକ ଆଦେଶ ଜାରି କରିଥିଲା, ଯେଉଁଥିରେ ସେମାନଙ୍କୁ ଦେଶ ଛାଡ଼ିବାକୁ କୁହାଯାଇଥିଲା । ସେମାନେ ଯୁକ୍ତି କରନ୍ତି ଯେ ଏହି ଆଦେଶ ବେଆଇନ ଏବଂ ବିନା ଯୁକ୍ତିଯୁକ୍ତ ଥିଲା, କାରଣ ସେମାନେ ବିଦେଶୀ ନଥିଲେ ।

ପ୍ରତିବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଲିଖିତ ବିବୃତିରେ କୁହାଯାଇଛି ଯେ ଆବେଦନକାରୀମାନେ ମାର୍ଚ୍ଚ ଏବଂ ମେ, 1948 ମଧ୍ୟରେ ଭାରତ ଛାଡିଥିଲେ ଏବଂ ସେମାନେ 1955ର ପ୍ରାରମ୍ଭରେ ଅସ୍ଥାୟୀ ପାକିସ୍ତାନୀ ପାସପୋର୍ଟରେ ପ୍ରଥମ ଥର ପାଇଁ ଫେରିଥିଲେ । ଏହା ମଧ୍ୟ କୁହାଯାଇଥିଲା ଯେ ସେମାନଙ୍କୁ ଭାରତରେ ରହିବା ପାଇଁ ଦିଆଯାଇଥିବା ଅନୁମତି ସମୟ ସମୟରେ ଏବଂ ଶେଷଥର ପାଇଁ ଅକ୍ଟୋବର, 1955 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା, ଏବଂ ତା 'ପରେ ସେମାନଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତିବାଦୀମାନେ ଆହୁରି

କହିଥିଲେ ଯେ ଆବେଦନକାରୀମାନେ ଭାରତର ନାଗରିକ ନୁହଁନ୍ତି କାରଣ ସେମାନେ ସ୍ୱେଚ୍ଛାରେ ପାସପୋର୍ଟ ହାସଲ କରି ପାକିସ୍ତାନୀ ନାଗରିକତା ହାସଲ କରିଥିଲେ।

ମକଦ୍ଦମାଟି, ନାଗରିକତା ଅଧିନିୟମ 9ର ଉପଧାରା (2) ର ବ୍ୟବସ୍ଥାଗୁଡ଼ିକୁ ଆଧାରରେ ଗ୍ରହଣୀୟ ହୋଇନପରିବାରୁ ଖାରଜ କରାଯାଇଥିଲା ।

ସେହି ଉପ-ବିଭାଗଟି ଏହି ସର୍ତ୍ତାବଳୀରେଆଧାରିତ : *ଧାରା 9 (2)*"ଯଦି କୌଣସି ପ୍ରଶ୍ନ ଉଠେ ଯେ କୌଣସି ବ୍ୟକ୍ତି ଅନ୍ୟ ଦେଶର ନାଗରିକତା କେବେ କିମ୍ବା କିପରି ହାସଲ କରିଛନ୍ତି, ତେବେ ଏହା ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ଦ୍ୱାରା, ପ୍ରମାଣର ସେହି ନିୟମଗୁଡ଼ିକୁ ଧ୍ୟାନରେ ରଖି, ନିର୍ଦ୍ଧାରିତ ହେବ ।

ଏହି ଅଧିନିୟମ ଅନୁଯାୟୀ ଗଠିତ ନିୟମ 30 ରେ ବ୍ୟବସ୍ଥା ଆଧାରରେ ଏପରି ପ୍ରଶ୍ନର ନିର୍ଣ୍ଣୟ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯିବ, ଯିଏକି ସେହି ଉଦ୍ଦେଶ୍ୟରେ ଜାରିକରାଯାଇଥିବା ଅଧିନିୟମ ର ଅନୁସୂଚୀ III ନିର୍ଦ୍ଦିଷ୍ଟ ନିୟମ ଗୁଡିକୁ ଧ୍ୟାନରେ ରଖିବେ।

ଆମକୁ ଏହା ସ୍ପଷ୍ଟ ମନେ ହେଉଛି ଯେ ନାଗରିକତା ଅଧିନିୟମର ଧାରା 9 ର ଉପ-ଧାରା (2) ଅନୁଯାୟୀ, ସେଠାରେ ଉଲ୍ଲେଖିତ ପ୍ରଶ୍ନର ବିଚାର କରିବା ପାଇଁ ଦେୱାନୀ ଅଦାଲତଙ୍କର ଅଧିକାରକ୍ଷେତ୍ରକୁ ବାରଣ କରେ କାରଣ ଏହା ଦର୍ଶାଏ ଯେ ସେହି ପ୍ରଶ୍ନଗୁଡ଼ିକ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଣ୍ଣୟ କରାଯିବ ଯାହା ନିଶ୍ଚିତ ଭାବରେ କର୍ତ୍ତୃପକ୍ଷଙ୍କ ବ୍ୟତୀତ ଅନ୍ୟ କାହା ଦ୍ୱାରା ନିର୍ଣ୍ଣୟ କରାଯାଇପାରିବ ନାହିଁ ବିଷୟକୁ ବୁଝାଏ । ନାଗରିକତା ଅଧିନିୟମର ଧାରା 9 (2) ଏକ ଦେୱାନୀ ନ୍ୟାୟାଳୟକୁ କେବଳ ଏକମାତ୍ର ପ୍ରଶ୍ନରୁ ବାରଣ କରିଛି ଯେ, ଜଣେ ନାଗରିକ ଅନ୍ୟ ଦେଶର ନାଗରିକତା ହାସଲ କରିଛନ୍ତି କି ନାହିଁ କିମ୍ବା ସେ ଏହାକୁ କେବେ କିମ୍ବା କିପରି ହାସଲ କରିଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା ଦେୱାନୀ ନ୍ୟାୟାଳୟକୁ ଜଣେ ବ୍ୟକ୍ତିଙ୍କ ଜାତୀୟତା ସମ୍ବନ୍ଧୀୟ ଅନ୍ୟ ପ୍ରଶ୍ନର ନିର୍ଦ୍ଧାରଣ କରିବାରେ ବାଧା ଦିଆଯାଇନଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅବେଦନକାରୀଙ୍କ ମକଦ୍ଦମା ପ୍ରଶ୍ନ ଉଠାଇଛି ଯେ ସେମାନେ ପାକିସ୍ତାନର ନାଗରିକତା ହାସଲ କରି ସେମାନଙ୍କର ନାଗରିକତା ହରାଇଛନ୍ତି କି ନାହିଁ । ଆବେଦନକାରୀମାନେ ନିଜେ ସେମାନଙ୍କ ଅଭିଯୋଗରେ ନିବେଦନ କରି ଏହି ପ୍ରଶ୍ନ ଉଠାଇଥିଲେ ଯେ ସେମାନେ ସ୍ୱେଚ୍ଛାରେ ପାକିସ୍ତାନର ନାଗରିକତା ହାସଲ କରି ନାହାଁନ୍ତି । ସେହି ଆଧାରରେ, ଏହା ନିର୍ଣ୍ଣୟ କରିବାକୁ ହେବ ଯେ ଆବେଦନକାରୀଙ୍କ ମକଦ୍ଦମା ଅବୈଧ ଥିଲା । ତେବେ ଆମକୁ ପ୍ରତୀୟମାନ ଯେ ଏହି ମକଦ୍ଦମା ଅନ୍ୟ ପ୍ରଶ୍ନ ମଧ୍ୟ ଉଠାଇଛି । ଭାରତର ନାଗରିକତା ପାଇଁ ଆବେଦନକାରୀଙ୍କ ଦାବିକୁ ଏହି ଆଧାରରେ ବିରୋଧ କରାଯାଇଥିଲା, ଯେ 1948 ରେ ପାକିସ୍ତାନକୁ ପଳାୟନ କରି ସେମାନେ କେବେ ଭାରତୀୟ ନାଗରିକତା ହାସଲ କରିନଥିଲେ । ତାହା ସମ୍ବିଧାନର ଅନୁଚ୍ଛେଦ 7ରୁ ଅନୁସରଣ କରାଯାଇପାରେ । ସେହି ପ୍ରଶ୍ନର ନିର୍ଣ୍ଣୟ କରିବା ପାଇଁ ଏକ ଦେୱାନୀ ନ୍ୟାୟାଳୟଙ୍କର ଅଧିକରିତା କ୍ଷେତ୍ର ନାଗରିକତା ଅଧିନିୟମର ଧାରା 9 (2) ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ହୁଏ ନାହିଁ । ତେଣୁ ଆମକୁ ଲାଗୁଛି ଯେ ସମଗ୍ର ମକଦ୍ଦମାକୁ ଖାରଜ କରାଯିବା ଉଚିତ୍ ନୁହେଁ । ଆବେଦନକାରୀମାନେ କେବେ ଭାରତୀୟ ନାଗରିକ ହୋଇନଥିଲେ କି, ଏହି ପ୍ରଶ୍ନ ଉପରେ ନିମ୍ନ ଅଦାଲତମାନେ ନିଷ୍ପତ୍ତି ନେବା ଉଚିତ ଥିଲା । ଯଦି ସେହି

1961
ଆକବର୍ ଖାନ୍ ଆଲାମ୍ ଖାନ୍ ଏବଂ ଅନ୍ୟ ଜଣେ
ବନାମ
ଭାରତ ସଂଘ
ନ୍ୟାୟାଧୀଶ ସରକାର

ପ୍ରଶ୍ନର ଉତ୍ତର ସକାରାତ୍ମକ ହୁଏ, ତେବେ ଆଉ କୌଣସି ପ୍ରଶ୍ନ ଉଠିବ ନାହିଁ ଏବଂ ମକଦ୍ଦମାକୁ ଖାରଜ କରିବାକୁ ପଡିବ । ଯଦି ଏହା ଜଣାପଡ଼େ ଯେ ଆବେଦନକାରୀମାନେ 1950 ମସିହା ଜାନୁଆରୀ 26 ତାରିଖରେ ଭାରତୀୟ ନାଗରିକ ଥିଲେ, ତେବେ କେବଳ ଯେ ସେମାନେ ସେହି ନାଗରିକତା ପରିତ୍ୟାଗ କରି ବିଦେଶୀ ନାଗରିକତା ହାସଲ କରିଥିଲେ କି ନାହିଁ ବିଷୟରେ ପ୍ରଶ୍ନ ଉଠିବ । ଏହି ପ୍ରଶ୍ନ ଉପରେ ନ୍ୟାୟାଳୟ ନିଷ୍ପତ୍ତି ନେଇପାରିବେ ନାହିଁ । ଆବେଦନକାରୀମାନେ ସେମାନଙ୍କର ଭାରତୀୟ ନାଗରିକତା ତ୍ୟାଗ କରି ବିଦେଶୀ ନାଗରିକତା ହାସଲ କରିଛନ୍ତି କି ନାହିଁ, ଏହି ପ୍ରଶ୍ନ ଉପରେ କେନ୍ଦ୍ର ସରକାର ନିର୍ଣ୍ଣୟ ନେବା ପର୍ଯ୍ୟନ୍ତ ଏହି ମକଦ୍ଦମାକୁ ସ୍ଥଗିତ ରଖିବା ନ୍ୟାୟାଳୟ ପାଇଁ ଉପଯୁକ୍ତ ବିଷୟ ହୋଇଥାନ୍ତା ଏବଂ ତା 'ପରେ ଅବଶିଷ୍ଟ ମକଦ୍ଦମାର ସମାଧାନ ଏହିପରି ଭାବରେ କରାଯାଇଥାନ୍ତା ଯାହା ଦ୍ୱାରା କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ଯଥାର୍ଥ ସାବ୍ୟସ୍ତ ହୋଇପାରିଥାନ୍ତା । ଉତ୍ତରଦାତା ଯେଉଁମାନେ କି ମକଦ୍ଦମାର ପ୍ରତିବାଦୀ ଥିଲେ, ସେମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଆଟର୍ଣ୍ଣି-ଜେନେରାଲ୍, ଏହା ସ୍ଥିତିକୁ ସ୍ୱୀକାର କରିଥିଲେ । ସେ, ନାଗରିକତା ଅଧିନିୟମର ଧାରା 9 ଦ୍ୱାରା ସୃଷ୍ଟି ହୋଇଥିବା ମକଦ୍ଦମା ବ୍ୟତୀତ ଅନ୍ୟ କୌଣସି ପ୍ରତିବନ୍ଧକ ଅଛି ବୋଲି ଯୁକ୍ତି କଲେ ନାହିଁ ।

ଆମ ଦ୍ୱାରା ଦର୍ଶାଯାଇଥିବା ତଥ୍ୟ ଆଧାରରେ ମାମଲାର ସମାଧାନ ହୋଇଯାଏ, କିନ୍ତୁ ଆମେ ଭାବୁଛୁ ଯେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ କିଛି ଯୁକ୍ତି ଉପରେ ଆମେ ଆମର ମତାମତ ପ୍ରକାଶ କରିବା ଉଚିତ୍ । ସେ ପ୍ରଥମେ ଯୁକ୍ତି କରିଥିଲେ ଯେ ଯେତେବେଳେ ଏକ ବିଧାନ ଦ୍ୱାରା ଏକ ଅଧିକାର ସୃଷ୍ଟି କରାଯାଏ ଏବଂ ସେହି ବିଧାନ ଦ୍ୱାରା, ସେହି ଅଧିକାର ନିର୍ଦ୍ଧାରଣ ପାଇଁ ଏକ ନ୍ୟାୟାଧିକରଣ ଗଠନ କରାଯାଏ କିନ୍ତୁ ସେହି ଅଧିକାରକୁ ଯେତେବେଳେ ଛଡାଇ ନିଆଯାଏ, ଏହା ସହ ଜଡ଼ିତ ଏକ ପ୍ରଶ୍ନ ସମ୍ବନ୍ଧରେ,ଏକ ଦେୱାନୀ ଅଦାଲତର କ୍ଷେତ୍ରାଧିକାର ଏବଂ ଆବେଦନକାରୀଙ୍କ ମକଦ୍ଦମାକୁ ଗ୍ରହଣ କରିବାରେ ସେହି ଦେୱାନୀ ଅଦାଲତର କ୍ଷେତ୍ରାଧିକାରକୁ ମଧ୍ୟ ହଟାଇ ଦିଆଯିବ ନାହିଁ । ଆମେ ଏହି ଯୁକ୍ତିକୁ ଗ୍ରହଣ କରିବାକୁ ଅସମର୍ଥ । ଏକ ସକ୍ଷମ ବ୍ୟବସ୍ଥାପକସଭା ଅନ୍ୟ ପ୍ରଶ୍ନଗୁଡ଼ିକର ବିଚାର କରିବା ପାଇଁ ଏକ ଦେୱାନୀ ନ୍ୟାୟାଳୟର ଅଧିକରିତା କ୍ଷେତ୍ରକୁ ଛଡ଼ାଇ ନେଇପାରେ । କୌଣସି କର୍ତ୍ତୃପକ୍ଷଙ୍କୁ ଏହା କରାଯାଇପାରିବ ନାହିଁ ବୋଲି ଦର୍ଶା ଯାଇନାହିଁ ।

ତାଙ୍କ ଦ୍ୱାରା ଉପସ୍ଥାପିତ ଅନ୍ୟ ଏକ ତର୍କ ଥିଲା ଯେ ଆବେଦନକାରୀମାନେ ସେମାନଙ୍କର ଭାରତୀୟ ନାଗରିକତା ହରାଇଛନ୍ତି କି ନାହିଁ ଏହି ପ୍ରଶ୍ନ ନିର୍ଣ୍ଣୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ଯିବାର କୌଣସି ଅଧିକାର ନାହିଁ ଏବଂ ତେଣୁ ସେହି ପ୍ରଶ୍ନ ନିର୍ଣ୍ଣୟ କରିବା ପାଇଁ ଏକ ଦେୱାନୀ ନ୍ୟାୟାଳୟକୁ ଯିବାର ଆବେଦନକାରୀଙ୍କ ଅଧିକାରକୁ ନିଷିଦ୍ଧ ବୋଲି ବିବେଚନା କରାଯାଇପାରିବ ନାହିଁ । ଏହି ଯୁକ୍ତିର ସମର୍ଥନରେ *ଶରାଫତ ଅଲ୍ଲୀ ଖାନ ବନାମ ୟୁ. ପି. ରାଜ୍ୟ* (1) ମାମଲା ଉପରେ ଆସ୍ଥା ପ୍ରକଟ କରାଯାଇଥିଲା । *ଏହି ପ୍ରଶ୍ନ ପ୍ରକୃତରେ ଉପୁର୍ଣ୍ଣ ହେଉନାହିଁ କାରଣ ଉତ୍ତରଦାତାମାନଙ୍କ* ତରଫରୁ ହାଜର ହୋଇଥିବା ବିଦ୍ୱାନ ଆଟର୍ଣ୍ଣି-ଜେନେରାଲ୍ ଏହି ପ୍ରଶ୍ନର ନିର୍ଣ୍ଣୟ ପାଇଁ କେନ୍ଦ୍ର ସରକାରଙ୍କୁ ଆବେଦନ କରିବାର ଆବେଦନକାରୀଙ୍କ ଅଧିକାରକୁ ସ୍ୱୀକାର କରିଛନ୍ତି । ଏପରିକି ଏହା ରିହାତି ବ୍ୟତୀତ ଶରାଫତ ଅଲ୍ଲୀ ଖାନ ବନାମ ୟୁ. ପି. ରାଜ୍ୟ (') ରେ ପ୍ରକାଶିତ ମତ

(1) A, I. R 1960 All, 637

ଗୁଡିକ ଗୁରୁତର ସନ୍ଦେହ ପାଇଁ ଉନ୍ମୁକ୍ତ ଥିବା ପରି ମନେ ହେବ । କିନ୍ତୁ ଏହି *ମାମଲାର ପରିସ୍ଥିତିରେ ଆମେ ସେହି ପ୍ରସଙ୍ଗରେ ଅଧିକ କହିବା ଆବଶ୍ୟକ* ଥିବା ବୋଲି ଅନୁଭବ କରୁନାହୁଁ ।

ପୂର୍ବରୁ ଦର୍ଶାଯାଇଥିବା କାରଣଗୁଡିକ ପାଇଁ, ଆମେ ନିମ୍ନ ନ୍ୟାୟାଳୟଙ୍କର ଆଦେଶ ଏବଂ ରାୟକୁ ବାତିଲ କରୁଅଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀମାନେ କିଛି ସମୟ ପାଇଁ ଭାରତୀୟ ନାଗରିକ ହୋଇ ସେହି ନାଗରିକତା ତ୍ୟାଗ କରି ଏବଂ ବିଦେଶୀ ନାଗରିକତା ହାସଲ କରିଛନ୍ତି କି ଏହି ପ୍ରଶ୍ନ ବ୍ୟତୀତ ଏଥିରେ ଉଠାଯାଇଥିବା ସମସ୍ତ ପ୍ରଶ୍ନ ଉପରେ ଶୁଣାଣି ଏବଂ ନିଷ୍ପତ୍ତି ନିଆଯାଉ । ଯଦି ନ୍ୟାୟାଳୟ ଜାଣିବାକୁ ପାଆନ୍ତି ଯେ ମକଦ୍ଦମାକାରୀମାନେ କେବେ ଭାରତୀୟ ନାଗରିକ ନଥିଲେ, ତେବେ ନ୍ୟାୟାଳୟଙ୍କ ମକଦ୍ଦମା ଖାରଜ ହୋଇଯିବ । ଅନ୍ୟପକ୍ଷରେ, ଯଦି ନ୍ୟାୟାଳୟ ଜାଣିବାକୁ ପାଆନ୍ତି ଯେ ସେମାନେ ପୂର୍ବରୁ ଭାରତୀୟ ନାଗରିକ ଥିଲେ, ତେବେ ମକଦ୍ଦମାକାରୀମାନେ ପରବର୍ତ୍ତୀ ସମୟରେ ବିଦେଶୀ ନାଗରିକତ୍ୱ ହାସଲ କରିଛନ୍ତି କି ନାହିଁ ତାହା କେନ୍ଦ୍ର ସରକାର ନିର୍ଣ୍ଣୟ ନେବା ପର୍ଯ୍ୟନ୍ତ ନ୍ୟାୟାଳୟ ମକଦ୍ଦମାର ପରବର୍ତ୍ତୀ ଶୁଣାଣି ଉପରେ ସ୍ଥଗିତାଦେଶ ଦେବେ ଏବଂ ତା 'ପରେ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ଯଥାର୍ଥ ବୋଲି ବିବେଚନା କରୁଥିବା ଆଦେଶ ଦ୍ୱାରା ଏହାର ସମାଧାନ କରିବେ। ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ପ୍ରଦାନ କରାଯାଇନାହିଁ ।

ଆବେଦନକୁ ଅନୁମତି ଦିଆଗଲା ।
ମାମଲା ପ୍ରତ୍ୟାହୃତ ହୋଇଛି।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।